# Akashvani, Sambalpur

## SAMBALPURI NEWS EVENING BULLETIN

## 29 October 2024- 7.02 pm- 7.12 pm.

*********************************************

୧- ଦେଶେ ୧୨ ହଜାର୍ ୮ ଶହ କୋଟି ଟଙ୍କାର ଭିନ୍ ଭିନ୍ ସ୍ୱାସ୍ଥ୍ୟ ଭିତିକ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଲୋକାର୍ପଣ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- ଇ ଭିତ୍‌ରେ ରହିଛେ ଓଡ଼ିଶାର୍ ୩ ଟା ସ୍ୱାସ୍ଥ୍ୟ ଭିତିକ ପ୍ରକଳ୍ପ ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଏ ବାଂଟ୍‌ଲେ ୫୧ ହଜାର୍‌ନୁ ଅଏତ୍‌କା ନିଯୁକ୍ତିପତ୍ର ।

- ଭୁବ୍‌ନେଶ୍ୱର୍ ନ ହେଇଥିବା ରୋଜ୍‌ଗାର୍ ମେଳାଥି ୩ ଶହ ୩୦ ଝନ୍‌କୁ ନିଯୁକ୍ତିପତ୍ର ଦେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ।

୩- ଦେଶର୍ ଏକତା ଆଉ ଅଖଣ୍ଡତା ଲାଗି ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ୨୫ ନମ୍ବର୍ ସୈରିନ୍ଧ୍ରୀ ନାଏକ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଚମ୍ପିଆନ୍ ହେଲା ମୁଢ଼େନ୍‌ପାଲି ଇନ୍ଦିରାଗାନ୍ଧୀ ଆଂଚଲିକ୍ ହାଇସ୍କୁଲ୍ ।

ପ୍ରଧାନ୍‌ମନ୍ତ୍ରୀ- ଧନ୍ବନ୍ତରୀ ଜୟନ୍ତୀ ଆର୍‌ଏନ୍‌ୟୁ/

ଦେଶର୍ ନାଗରିକ୍ ସୁସ୍ଥସବଳ ରହେଲେ ଦେଶ୍ ଆଗ୍‌କେ ବଢ଼୍‌ବା । ଇତାକେ ନଜର୍‌ଥି ରଖିକରି ସ୍ୱାସ୍ଥ୍ୟ ଭିତିଭୂମିକେ ବଢ଼ାବାର୍ ଲାଗି ସର୍‌କାର୍ କାମ୍ କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଧନ୍ବନ୍ତରୀ ଜୟନ୍ତୀ ଆଉ ୯ ନମ୍ବର୍ ଆୟୁର୍ବେଦ୍ ଦିବସ୍ ଅବ୍‌ସରେ ଆଏଜ୍ ନୂଆଦିଲ୍ଲୀର୍ ଏମ୍ସନୁ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ୧୨ ହଜାର୍ ୮ ଶହ ୫୦ କୋଟି ଟଙ୍କାର୍ ଭିନ୍ ଭିନ୍ ସ୍ୱାସ୍ଥ୍ୟଭିତିକ ପ୍ରକଳ୍ପର ଶିଳାନ୍ୟାସ୍ ଆଉ ଲୋକାର୍ପଣ୍ କରିଛନ୍ । ଇତାର୍‌ସହେତେ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନାଥି ୭୦ ବଛର୍‌ନୁ ଅଏତ୍‌କା ବୟସର୍ ନାଗରିକମାନ୍‌କୁ ସ୍ୱାସ୍ଥ୍ୟସେବା ଯୁଗାବାର୍ ସମ୍ପ୍ରସାରିତ ଯୋଜ୍‌ନାକେ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, କେନ୍ଦ୍ର ସର୍‌କାର୍ ନାଗରିକ୍‌ମାନ୍‌କର୍ ସ୍ୱାସ୍ଥ୍ୟକେ ନଜର୍‌ଥି ରଖିକରି ୫ ଟା ସ୍ତମ୍ଭକେ ଜୋର୍ ଦଉଛନ୍ । କେନ୍‌ସି ରୋଗ୍ ଲାଗି ଆଗୁଆ ପ୍ରତିକାର୍, ଠିକ୍ ସମିଆଥି ଚିକିତ୍ସା, କମ୍

ଦାମ୍‌ଥି ଉଷୋ ଆର୍ ଚିକିତ୍ସା ସୁବିଧା, ଛୋଟ୍ ସହର୍ ଆର୍ ଗାଁମାନ୍‌କେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ଯୁଗାବାର୍ ଆର୍ ସ୍ୱାସ୍ଥ୍ୟସେବା କ୍ଷେତ୍ର ନ ପ୍ରଯୁକ୍ତିବିଦ୍ୟାକେ ସାମିଲ୍ କର୍‌ବାର୍ ଦିଗେ ସର୍‌କାର୍ ଜୋର୍ ଦେଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ଓଡ଼ିଶା ନ ୩ ଟା ସ୍ୱାସ୍ଥ୍ୟଭିତିକ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କରିଛନ୍ । ଇତାର୍ ଭିତ୍‌ରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାନେ ଶହେ ଶଯ୍ୟାର ଗୁଟେ ଆୟୁର୍ବେଦିକ୍ ଆଉ ନେଚୋରୋପାଥି ହସ୍ପିଟାଲ୍‌ର ଶିଳାନ୍ୟାସ୍ କରାଯାଇଛେ । ଇତାର୍‌ସହେତେ ଭୁବ୍‌ନେଶ୍ୱର୍ ଗୋଠପାଟଣା ଠାନେ କେନ୍ଦ୍ରୀୟ ଔଷଧ ପରୀକ୍ଷଣ ପ୍ରୟୋଗଶାଲା ଆର୍ ବର୍‌ଗଡ୍ ନ କ୍ରିଟିକାଲ୍ ହେଲ୍‌ଥ୍ କେୟାର୍ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଗୋଠପାଟଣା ନ ହେଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉପସ୍ଥିତ୍ ଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଅଭିଭାଷଣ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଡବଲ୍ ଇଞ୍ଜିନ୍ ସର୍‌କାର୍‌ଥି ସ୍ୱାସ୍ଥ୍ୟସେବାକେ ଜୋର୍ ଦିଆଯାଉଛେ । ଏନ୍ତା ପ୍ରୟୋଗ୍‌ଶାଲା ଆର୍ ଅନୁଷ୍ଠାନ୍ ରାଜ୍ୟ ଆଉ ଦେଶର୍ ସ୍ୱାସ୍ଥ୍ୟସେବା ଲାଗି ଗୁଟେ ମାଇଲ୍‌ଖୁଁଟ ଆଏ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ଦେଶର୍ ୫୦ କୋଟିନୁ ଅଏତ୍‌କା ଗରିବ୍ ଲୋକ୍ ସ୍ୱାସ୍ଥ୍ୟସେବା ପାଉଛନ୍ । ରାଏଜେ

ବହୁତ୍ ଜଲ୍‌ଦି ଆୟୁସ୍ମାନ୍ ଭାରତ୍ ଯୋଜ୍‌ନା ଲାଗୁ କରାଯିବାର୍ ସହେତେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା ଭିଲ୍ କାର୍ଯ୍ୟକାରୀ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରୋଜ୍‌ଗାର୍ ମେଳା- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଆଭାସୀ ଜରିଏ ୫୧ ହଜାର୍‌ନୁ ଅଏତ୍‌କା ନୂଆଁକରି ଚାକିରୀ ପାଇଥିବା ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ଦେଇଛନ୍ । ଇ ଅବ୍‌ସରେ ସାରାଦେଶର୍ ୪୦ ଟା ଭିନ୍ ଭିନ୍ ଜାଗା ନ ରୋଜ୍‌ଗାର୍ ମେଳା ଆୟୋଜନ୍ ହେଇଥିଲା । ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ବିହାର୍ ନ ଥିବା ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ନ ହେଇଥିବା ରୋଜ୍‌ଗାର୍ ମେଳାଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ୩ ଶହ ୩୦ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ନୂଆକରି ଚାକିରୀ ପାଇଥିବା ପିଲାଟୁକେଲ୍‌ମାନେ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ମନ୍ତ୍ରଣାଳୟ ଆର୍ ବିଭାଗ୍ ନ କାମ୍ କର୍‌ବେ ।

ବିପର୍ଯ୍ୟୟ ପ୍ରଶମନ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବିପର୍ଯ୍ୟୟର୍ ମାତ୍ରା କମ୍ କର୍ବାର୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବାବ୍ଦେ ରାଜ୍ୟ ସର୍କାର୍ ବିଶେଷଜ୍ଞମାନ୍କର୍ ସାଙ୍ଗେ ଆଲୋଚନା ଆରମ୍ଭ କରିଛନ୍ । ଭୁବ୍ନେଶ୍ୱର୍ର ଜୟଦେବ୍ ଭବନ୍ ନ ହେଇଥିବା ବିପର୍ଯ୍ୟୟ ବାବ୍ଦେ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀକେ ଉଦ୍ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ବିପର୍ଯ୍ୟୟ କମାବାର୍ ଲାଗି ବାତ୍ୟା ପ୍ରଭାବିତ୍ ଇଲାକାମାନ୍କେ ହେନ୍ତାଲବଣ ସୃଷ୍ଟି କର୍ବାର୍ ଲାଗି ପଦକ୍ଷେପ୍ ନିଆଯିବା ।

ଆରୋଗ୍ୟ ମନ୍ଦିର୍-ସ୍ୱାସ୍ଥ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ସବୁ ପଂଚାୟତ୍ଥି ଆରୋଗ୍ୟ ମନ୍ଦିର୍ ଥାପ୍ନା କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସେ କହିଛନ୍ ଯେ, ଓଡ଼ିଶା ନ ୬ ହଜାର୍ ୫ ଶହ ଗ୍ରାମ୍ପଂଚାୟତ୍ ରହିଛେ । ସେଥିର୍ଭିତ୍ରୁ ୨ ହଜାର୍ ପଂଚାୟତ୍ଥି ଇ କାମ୍ ମୁଲ୍ କରାଯାଇଛେ । ଆଏବା ୫ ବଛର୍ ଭିତ୍ରେ ଆରୋଗ୍ୟ ମନ୍ଦିର୍ ଥାପ୍ନାର୍ ଲକ୍ଷ୍ୟ ରଖାଯାଇଛେ । ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ରାଏଜେ ଆୟୁର୍ବେଦ୍ ଆର୍ ପ୍ରାକୃତିକ ଚିକିତ୍ସାର୍ ପ୍ରସାର୍ ଲାଗି ଆୟୁର୍ବେଦ୍ ଆର୍ ହୋମିଓପାଥି କଲେଜ୍ ମାନ୍କୁ ସୁଦୃଢ଼ କରାଯିବା ।

ଇତାର୍‌ଛଡ଼ା ପିଏଚ୍‌ସି ଆର୍ ସିଏଚ୍‌ସି ସ୍ତର୍ ନ ହୋମିଓପାଥି ଉଷୋ ରଖାଯିବା ବଲି ସେ କହିଛନ୍ ।

ଏକତା ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ସର୍ଦ୍ଦାର୍ ପଟେଲ୍‌ଙ୍କର୍ ଆଦର୍ଶଥି ଦେଶର୍ ଏକତା ଆଉ ଅଖଣ୍ଡତା ଲାଗି ଫିଂ' ନାଗରିକ୍ ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍ ଦର୍‌କାର୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଷ୍ଟ୍ରୀୟ ଏକତା ଦିବସ୍ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍‌ର କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ଏକତା ଦୌଡ଼ର ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରୀୟ ଏକତା ଲାଗି ଶପଥ୍ ପାଠ୍ କରେଇଛନ୍ । କାର୍ଯ୍ୟକ୍ରମ୍‌ଥି ପାଖାପାଖି ୩ ହଜାର୍ ପିଲା କ୍ରୀଡ଼ା ଛାତ୍ରାବାସର୍ ଛାତ୍ରଛାତ୍ରୀ ଆର୍ ଭିନ୍ ଭିନ୍ କ୍ରୀଡ଼ା ସଂଗଠନ୍‌ର ପିଲାମାନେ ଯୋଗ୍ ଦେଇକରି ଦୌଡ଼ଥି ଭାଗ୍ ନେଇଥିଲେ । ମୁଖ୍ୟମନ୍ତ୍ରୀ ଭିଲ୍ ଇ ଦୌଡ଼ଥି ସାମିଲ୍ ହେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର୍ ଏକତା ଲାଗି ସର୍ଦ୍ଦାର୍ ପଟେଲ୍ ସମର୍ପିତ ହେଇକରି ଗୁଟେ ଅଖଣ୍ଡ ଭାରତ୍‌ର ମୂଳଦୂଆ ଥାପ୍‌ନା କରିକରି ଦେଶୀୟ ରାଜ୍ୟମାନ୍‌କର୍ ମିଶ୍‌ବାର୍‌ଥି ମୁଖ୍ୟଭୂମିକା ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ

ସୂର୍ଯ୍ୟବଂଶୀ ସୂରଜ୍, ରାଜ୍ୟମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ ଆର୍ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ ।

ଭୋଟର୍ ସଚେତନତା

ସମ୍ବଲପୁର/ ସୁବର୍ଣ୍ଣପୁର୍/ ବଲାଙ୍ଗିର୍/ ଝାର୍‌ସୁଗୁଡ଼ା/ ବର୍‌ଗଡ଼୍/ ବୌଦ୍ଧ

ସମ୍ବଲପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭୋଟର୍ ସଚେତନତା ଲାଗି ଆଏଜ୍ ସଖାଲେ ପଥୋତ୍ସବ ଆର୍ ୱାକାଥନ୍ ହେଇଯାଇଛେ । ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଛକ୍ ପାଖେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ପଦଯାତ୍ରା କର୍‌ବାର୍ ସହେତେ ପଥପ୍ରାନ୍ତ ନାଟକ୍, ନାଚ୍, କୁଇଜ୍ ପ୍ରତିଯୋଗିତା ଆର୍ ରଙ୍ଗୋଲି ଚିତ୍ର କରିକରି ସାମିଲ୍ ହେଇଥିଲେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କମିଶନର୍ ବେଦଭୂଷଣ କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନ୍ କରିଥିଲେ । ଇ କାର୍ଯ୍ୟକ୍ରମ୍ ଜରିଏ ଭୋଟର୍ ତାଲିକା ସଂଶୋଧନ୍, ପଞ୍ଜିକରଣ୍ ଆର୍ ଭୋଟ୍ ଦେବା ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କରାଯାଇଥିଲା ।

ସେନ୍ତା ସଂକ୍ଷିପ୍ତ ଭୋଟର୍ ତାଲିକାଥି ସଂଶୋଧନ୍ ଅଭିଯାନ୍‌କେ ନେଇକରି ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ଆର୍ ବୀର୍‌ମହାରାଜ୍‌ପୁର୍ ନ ପଥ ଉତ୍ସବ୍ ହେଇଯାଇଛେ । ଆଏଜ୍‌ନୁ ଆଏବା ମାସ ୨୮ ତାରିଖ୍ ମାସେତକ୍ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର୍

ତାଲିକା ସଂଶୋଧନ୍ ପ୍ରକ୍ରିୟାଥି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ବହୁତ୍ ରକ୍ମର୍ କାର୍ଯ୍ୟକ୍ରମ୍ ଆରମ୍ଭ୍ ହେଇଛେ ।

ବଲାଙ୍ଗିର୍‌ର ପାଟ୍‌ନାଗଡ଼୍ ଆର୍ ଟିଟିଲାଗଡ଼୍ ସବ୍‌ଡିଭିଜନ୍ ନ ଭୋଟର୍ ତାଲିକା ସଂଶୋଧନ୍ ଆର୍ ନୂଆଁ ନାଁ ପଞ୍ଜିକରଣ୍ ନେଇକରି ପଥୋତ୍ସବ ଜରିଏ ଜନସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି କଲେଜ୍‌ର ଛାତ୍ରଛାତ୍ରୀମାନେ ସଚେତନତା ଧର୍ମୀ ନାଚ୍, ଗୀତ୍ ଆଉ ନାଟକ୍ ପରିବେଷଣ କରିଥିଲେ । ଜିଲ୍ଲାପାଳ୍ ଗୌରାଓ୍ୱା ସିଓ୍ୱାଜୀ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କାର୍ ଦେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ସଂକ୍ଷିପ୍ତ ଭୋଟର୍ ତାଲିକାଥି ସଂଶୋଧନ୍ ଅଭିଯାନ୍ ଆରମ୍ଭ୍ ହେଇଛେ । ଇଥିର୍‌ଲାଗି ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ନିର୍ବାଚନ୍ ବିଭାଗ୍ ତର୍ଫୁ ସହର୍ ନ ଗୁଟେ ପଦଯାତ୍ରା କରାଯାଇଥିଲା । ପଦଯାତ୍ରାଥି ଭିନ୍ ଭିନ୍ ବିଦ୍ୟାଳୟ, ମହାବିଦ୍ୟାଳୟ ସହେତେ ୨୫ ଟା ଅନୁଷ୍ଠାନ୍ ଯୋଗ୍ ଦେଇଥିଲେ ।

ବର୍‌ଗଡ଼୍ ଜିଲ୍ଲା ଭୋଟର୍ ତାଲିକାର୍ ସଂକ୍ଷିପ୍ତ ସଂଶୋଧନ୍ ଅବ୍‌ସରେ ଭୋଟର୍ ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ପଥଉତ୍ସବ୍ ଆର୍ ଶୋଭାଯାତ୍ରା ହେଇଯାଇଛେ । ସଖାଲେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ୍ ନୁ ପଦଯାତ୍ରା ବାହାରିକରି ପାର୍ବତୀ ଗିରି ମହିଳା କଲେଜ୍‌ତକ୍ ଯାଇଥିଲା । ପଥଉତ୍ସବ୍‌ଥି ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍, ଅତିରିକ୍ତ ଜିଲ୍ଲାପାଳ୍ ମହେନ୍ଦ୍ର

ମହାପାତ୍ର ଆର୍ ମଧୁଛନ୍ଦା ସାହୁ, ଉପ ଜିଲ୍ଲାପାଳ୍ ପ୍ରସନ୍ନ କୁମାର୍ ପାଣ୍ଡେ ଯୋଗ୍ ଦେଇକରି ଯୁବ ଭୋଟର୍ ମାନ୍‌କୁ ସଚେତନତାର୍ ବାର୍ତା ଦେଇଥିଲେ ।

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାର୍ ଇ ବଛରର୍ ଚିଠା ଭୋଟର୍ ତାଲିକା ବାହାର୍ କରାଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସଭାଥି ଚିଠା ଭୋଟର୍ ତାଲିକା ବାହାର୍ କରାଯାଇଥିଲା ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ମୁଢ଼େନ୍‌ପାଲି ଇନ୍ଦିରାଗାନ୍ଧୀ ଆଂଚଲିକ୍ ହାଇସ୍କୁଲ୍ ଦଲ୍ ଚମ୍ପିଆନ୍ ହେଇଛେ । ଆଏଜ୍ ହେଇଥିବା ଫାଇନାଲ୍ ଖେଲ୍‌ଥି ମୁଢ଼େନ୍‌ପାଲି ଦଲ୍ ୨/ ଶୂନ୍ ଗୋଲ୍‌ଥି ଚନ୍ଦ୍ରଶେଖର୍ ବେହେରା ଜିଲ୍ଲା ସ୍କୁଲ୍ ଦଲ୍‌କେ ହରେଇଥିଲା ।

ହାଇସ୍ପିଡ୍ ଇଂଟର୍‌ନେଟ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଲୁକ୍‌କୁ ଉଚ୍ଚଗତି ଯୁକ୍ତ ଇଂଟର୍‌ନେଟ୍ ସୁବିଧା ଯୁଗେଇ ଦେବାର୍ ଲାଗି ପୁରୀ ନୁ ଆଧୁନିକ୍ ଜ୍ଞାନ୍‌କୌଶଲ୍ ଯୁକ୍ତ ସବ୍‌ମେରାଇନ୍ କେବୁଲ୍ ଲେଣ୍ଡିଂ ଷ୍ଟେସନ୍ ଥାପ୍‌ନା ଲାଗି ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ୍ ତର୍‌ଫୁ ହେଇଥିବା ବୈଠକ୍‌ଥି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି କହିଛନ୍ ଯେ, ଇଟା ଓଡ଼ିଶାର୍ ପହେଲା ସବ୍ ମେରାଇନ୍ କେବୁଲ୍ ଲେଣ୍ଡି ଷ୍ଟେସନ୍ ହେବା । ହେଥିର୍‌ଲାଗି ରାଜ୍ୟର୍ ଲୁକ୍‌କୁ ଉନ୍ନତ ଇଂଟର୍‌ନେଟ୍ ସେବା ମିଲିପାର୍‌ବା । ଯେନ୍‌ଟା ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍‌ର ସପନ୍‌କେ ଆଉ ପାଦେ ଆଗେଇ ନେବା ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ପ୍ରାଣୀସମ୍ପଦ୍ ମନ୍ତ୍ରୀ        ସୂଚନା ଲୋକସମ୍ପର୍କ ବିଭାଗ୍

ବିକଶିତ ଓଡ଼ିଶା ଲକ୍ଷ୍ୟଥି ପ୍ରାଣୀସମ୍ପଦ୍ ବିକାଶ୍, ମାଛ୍ ଚାଷ୍, ଅଣ୍ଡା, କ୍ଷୁଦ୍ର ଆଉ ମଧମ୍ ଆଉ ଉଦ୍ୟାନ୍ ଚାଷ୍ ଜରିଏ ମହିଲା ସଶକ୍ତିକରଣ୍‌କେ ବ୍ୟାପକ୍ କର୍‌ବାର୍ ଉପ୍‌ରେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ଜୋର୍ ଦେଇଛନ୍ । ଭୁବ୍‌ନେଶ୍ୱର୍‌ର କୌଶଲ୍ୟାଗଙ୍ଗ ଠାନେ ମହିଲା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନ୍‌କର୍ ୪ ଦିନିଆ ମତ୍ସ୍ୟଚାଷ୍ ତାଲିମ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ

ମଲ୍ଲିକ୍ କହିଛନ୍ ଯେ, ରାଏଜେ ମସ୍ୟ ଉତ୍ପାଦନ୍‌କେ ୨ ଗୁଣ୍ କର୍‌ବାର୍ ଲାଗି ସର୍‌କାର୍ ନୂତନ ଜ୍ଞାନ୍ କୌଶଲ୍ ଉପଯୋଗ୍‌ଥି ଉତ୍ପାଦନ୍ ବଢ଼ାବାର୍ ଉପ୍‌ରେ ଜୋର୍ ଦିଆଯାଉଛେ ।

ବନକଲାଗି ନୀତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ କାର୍ତିକ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ସେଥିର୍‌ଲାଗି ୨ ନମ୍ବର୍ ଭୋଗମଣ୍ଡପ ନୀତି ଶେଷ୍ ହେବାର୍ ଉତ୍‌ରୁ ଉପର୍‌ବେଲା ୫ ବଜେନୁ ରାତି ୧୦ ବଜେତକ୍ ୫ ଘଂଟା ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ।